## ଗ୍ରାମୀଣ କୃଷି ମୌସମ ସେବା
## ଭାରତୀୟ ପାଣିପାଗ ବିଭାଗ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି


**ପତ୍ର ସଂ –୨୭/୨୦୨୪** | **ସପ୍ତାହ-୧୪** | **ମଙ୍ଗଳବାର, ତାରିଖ-୦୨.୦୪.୨୦୨୪**

ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦.୦/୦୦ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୪ ଠାରୁ) | ୩୯.୬ /୦୨ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୩୮.୬ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୨୪.୦ |

କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୩-୦୪-୨୦୨୪ | ୦ | ୪୧ | ୨୫ | ୨ | ୪୨ | ୧୨ | ୯ | ୨୧୦ |
| | ୦୪-୦୪-୨୦୨୪ | ୦ | ୪୧ | ୨୬ | ୨ | ୪୮ | ୧୦ | ୮ | ୨୧୦ |
| | ୦୫-୦୪-୨୦୨୪ | ୦ | ୪୨ | ୨୬ | ୨ | ୪୯ | ୧୮ | ୧୧ | ୨୧୬ |
| | ୦୬-୦୪-୨୦୨୪ | ୦ | ୪୨ | ୨୭ | ୨ | ୩୯ | ୧୪ | ୯ | ୨୨୫ |
| | ୦୭-୦୪-୨୦୨୪ | ୦ | ୪୩ | ୨୭ | ୩ | ୨୭ | ୧୨ | ୭ | ୨୪୮ |

**ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

### ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚଦିନ ପାଗ ଖରାଟିଆ ଓ ଶୁଖିଲା ରହିବାର ସମ୍ଭାବନା ଅଛି । ଏହି ସମୟରେ ଆକାଶ ମୁଖ୍ୟତଃ ନିର୍ମଳ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ଦକ୍ଷିଣ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୮ – ୦୧୧ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ୪୧ – ୪୩ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୫ - ୨୭ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୨୭ – ୪୯ % ଓ ୧୦ – ୧୮ % ରହିବ ବୋଲି ଆଶା କରାଯାଏ ।

**ଚେତାବନୀ : ଆସନ୍ତା ସପ୍ତାହରେ ଉଭୟ ଦିନ ଓ ରାତିର ତାପମାତ୍ରା ୨ ରୁ ୩ ଡିଗ୍ରୀ ସେ. ପର୍ଯନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି ।**

### ପାଣିପାଗ ଭିତ୍ତିକ କୃଷି ପରାମର୍ଶ

- ଆସନ୍ତା ପାଞ୍ଚଦିନ ଖରାଟିଆ ଓ ଶୁଖିଲା ପାଗର ଆକଳନ ଥିବାରୁ ପାକଳ ହେଇଯାଇଥିବା ଫସଲକୁ ଅମଳ କରି ଦିଅନ୍ତୁ ।
- ଆସନ୍ତା ସପ୍ତାହରେ ସର୍ବାଧିକ ତାପମାତ୍ରା ୪୧ ରୁ ୪୩ ଡିଗ୍ରୀ ସେ. ରହିବାର ସମ୍ଭାବନା ଥିବାରୁ ଫସଲରେ ପୋକ ଓ ରୋଗର ସଂକ୍ରମଣ ବଢି ଯାଇ ପାରେ । ତେଣୁ ସେଥିପ୍ରତି ସଜାଗ ରୁହନ୍ତୁ ଓ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ।
- ଜମିରେ ଥିବା ଘାସ ଦ୍ବାରା ପୋକ ଓ ରୋଗର ସଂକ୍ରମଣକୁ ବୃଦ୍ଧି କରିଥାଏ । ତେଣୁ ଜମିକୁ ସର୍ବଦା ଘାସମୁକ୍ତ ରଖନ୍ତୁ ।
- ବର୍ତମାନ ପାଗକୁ ଲକ୍ଷ୍ୟକରି ପନିପରିବା ଜାତୀୟ ଫସଲରେ ଜଳସେଚନର ସୁବ୍ଯବସ୍ଥା କରନ୍ତୁ ଏବଂ ଉଦ୍ଭିଦ କିମ୍ବା ଫସଲର ଅବଶେଷ କୁ ଉପଯୋଗ କରି ଛିଡ଼ା ହେଇଥିବା ଫସଲ ଗୁଡିକରେ ମାଟିକୁ ଆଚ୍ଛାଦନ କରନ୍ତୁ ଯଦ୍ଵାରା ବାଷ୍ପିକରଣ ଜନିତ ଜଳୀୟଅଂଶ କ୍ଷୟ କମ ମାତ୍ରାରେ ହେବ ।
- ଖରାଟିଆ ପାଗ ସହ ତାପମାତ୍ରା ର ବୃଦ୍ଧି ହେତୁ ପଶୁପକ୍ଷୀ ମାନଙ୍କୁ ଛାଇ ଥିବା ସ୍ଥାନରେ ରଖିବା ଏକାନ୍ତ ଆବଶ୍ୟକ । ଛାତ କିମ୍ବା ଆଜବେଷ୍ଟସ ଘରେ ପଶୁ ମାନଙ୍କୁ ରଖୁଥିଲେ ଛାତ ଉପରେ ନଡ଼ା ବିଛାଇ ଦିଅନ୍ତୁ ଏବଂ ପଶୁପକ୍ଷୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଥଣ୍ଡା ତଥା ନିର୍ମଳ ପାନୀୟ ଜଳ ପ୍ରଦାନ କରନ୍ତୁ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ଚାଷୀ ଭାଇ ମାନେ ଜମିରେ ଘାସ ଓ ଅନିଷ୍ଟକାରୀ ପୋକ ର ନିୟନ୍ତ୍ରଣ ପାଇଁ ମାଟିର ବତରକୁ ଉପଯୋଗ କରି ଖରାଟିଆ ହଳ ଆରମ୍ଭ କରିଦିଅନ୍ତୁ । |

**ଫସଲ ଭିତ୍ତିକ କୃଷି ପରାମର୍ଶ:**

| ଫସଲ (ଅବସ୍ଥା) | ପରାମର୍ଶ |
|---|---|
| ଡାଲୁଅ ଧାନ ( କେଣ୍ଡା/ଫୁଲ ବାହାରିବା ଅବସ୍ଥା) | ସାର ପରିଚାଳନା:<br>▪ କେଣ୍ଡା ବାହାରିବ ପୂର୍ବରୁ ରୁଆ ଧାନରେ ଏକର ପ୍ରତି ୩୫ କିଲୋଗ୍ରାମ ୟୁରିଆ ସହିତ ୧୧ କିଲୋଗ୍ରାମ ଏମ୍‌ଓପି ସାର ପ୍ରୟୋଗ କରନ୍ତୁ ଏବଂ କାଦୁଅ ବୁଣା ଧାନ ହୋଇଥିଲେ ଏକର ପ୍ରତି ୨୨ କିଲୋଗ୍ରାମ ୟୁରିଆ ସହିତ ୧୧ କିଲୋଗ୍ରାମ ଏମ୍‌ଓପି (ପୋଟାସ୍) ସାର ପ୍ରୟୋଗ କରନ୍ତୁ<br>ରୋଗ ଓ ପୋକ ପରିଚାଳନା:<br>▪ ମହିଷା ରୋଗ: ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ ୫୦% |

| | |
|---|---|
| | ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **ପତ୍ର ପୋଡ଼ା ରୋଗ:** ପତ୍ରପୋଡ଼ା ରୋଗ ଦେଖାଦେଲେ ଏହାର ନିୟନ୍ତ୍ରଣ ପାଇଁ ୧ ଗ୍ରାମ ପ୍ଲାନଟୋମାଇସିନ ସହିତ ୨.୫ ଗ୍ରାମ କପରଅକ୍ସିକ୍ଲୋରାଇଡ କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ **କାଣ୍ଡବିନ୍ଧା ବା ଗଣ୍ଡି ପୋକ ଓ ପତ୍ରମୋଡ଼ା ପୋକ:** ଗଣ୍ଡି ପୋକ ଅଧିକ ସଂକ୍ରମିତ ନହେବା ପାଇଁ ଯବକ୍ଷାରଜାନ ଯୁକ୍ତ ସାରକୁ ବିଚାର କରି ପ୍ରୟୋଗ କରନ୍ତୁ । ଗଣ୍ଡିପୋକ ର ଅଣ୍ଡା ସମୂହ କୁ ଦେଖିବାକୁ ପାଇଲେ ତାହାକୁ ହାତରେ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ। କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ପାଇଁ ଏକର ପିଛା ଟ୍ରାପ୍ ପ୍ରତି ୫ ମିଲିଗ୍ରାମ ଲିଓର ସହିତ ୩ ଟି ଯୌନ ସମ୍ବେଦନଶୀଳ ଯନ୍ତା ବା ଫେରୋମୋନ ଟ୍ରାପ ଲଗାନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହେଇଯିବ ତେବେ ଦାନାଦାର ଔଷଧ ଭାବରେ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ ନଚେତ ୩ ମି.ଲି କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ.ସି କିମ୍ବା ୧ ମି.ଲି ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ। |
| **ମୁଗ ଓ ବିରି**<br>(ପାକଳ ଅବସ୍ଥା/ଅମଳ ଅବସ୍ଥା) | <u>ଅମଳ ପରବର୍ତ୍ତୀ ଯତ୍ନ</u><br>▪ ୭୫ ରୁ ୮୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ ଏବଂ ଅମଳ ପରେ ମଞ୍ଜିକୁ ଖରାରେ ଭଲଭାବରେ ଶୁଖାନ୍ତୁ ଯେପରିକି ମଞ୍ଜିରେ ୮ ରୁ ୧୦ ଭାଗ ଜଳୀୟ ଅଂଶ ରହିବ ।<br>▪ ଅମଳ ହେଇଥିବା ମଞ୍ଜିକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ପୋକ ଦାଉରୁ ସୁରକ୍ଷିତ ରଖିବା ପାଇଁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨ ମିଲି ସୋରିଷ ତେଲ ସହିତ ଭଲ ଭାବରେ ମିଶାଇ ରଖନ୍ତୁ ।<br>▪ ଛୁଇଁ ଅମଳ ପରେ ଗଛ ଗୁଡ଼ିକୁ ମାଟିରେ ଚାଷ କରି ମିଶାଇ ଦିଅନ୍ତୁ । ଏହାଦ୍ୱାରା ମାଟିର ଉର୍ବରତା ବଢିଥାଏ । |
| **ଚିନାବାଦାମ**<br>(ଫଳ ଧରିବା ଅବସ୍ଥା/ପାକଳ) | ▪ ମାଟିରେ ଜଳୀୟଅଂଶ ନଥିଲେ ଅମଳ ପୂର୍ବରୁ ହାଲୁକା ଜଳସେଚନ କରନ୍ତୁ ଯଦ୍ୱାରା ଅମଳ ବେଳେ ଖୋସା ଛିଡ଼ିଯାଇ ମାଟିରେ ରହି ନଥାଏ ଏବଂ ସହଜରେ ଗଛ ଉପାଡ଼ି ହେଇଯାଏ।<br>▪ ବାଦାମ ଗଛ ଉପାଡ଼ି ଫଳକୁ ତୁରନ୍ତ ଅଲଗା ନକରି ଜମିରେ ୫ ରୁ ୭ ଦିନ ଶୁଖାଇ ରଖିଲେ ଗଛରେ ଥିବା ସଂଗୃହୀତ ଖାଦ୍ୟ ଫଳ ମଧ୍ୟକୁ ପ୍ରବେଶ କରି ଦାନାର ଓଜନ ବଢାଇ ଥାଏ ।<br><u>ରୋଗ ଓ ପୋକ ପରିଚାଳନା:</u><br>▪ **ପତ୍ର ସୁଡଙ୍ଗ ପୋକ:** ବର୍ତ୍ତମାନ ପାଗରେ ଉଚ୍ଚ ତାପମାତ୍ରା ପାଇଁ ପତ୍ର ସୁଡଙ୍ଗ ପୋକ ର ପ୍ରାଦୁର୍ଭାବ ଦେଖା ଦେବାର ସମ୍ଭାବନା ରହିଛି । ସଂକ୍ରମଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ୨ ମିଲିଗ୍ରାମ ପ୍ରୋଫେନୋଫୋସ୍ ୫୦% ଇସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ<br>▪ **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।<br>▪ **ଟୀକ୍କା ରୋଗ:** ଟୀକ୍କା ରୋଗର ପ୍ରତିକାର ପାଇଁ ୩ ଗ୍ରା. ମାଂକୋଜେବ ୭୫ % ଡବ୍ଲ୍ୟୁ.ପି କିମ୍ବା ୧ ମି.ଲି ଟେବୁକୋନାଜୋଲ ୨୯.୫ % ଇ.ସି କିମ୍ବା ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲ୍ୟୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ଟମାଟୋ**<br>(ଫୁଲ/ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | <u>ରୋଗ ଓ କୀଟ ପରିଚାଳନା:</u><br>▪ **ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ କପରଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ କିମ୍ବା ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| **ଲଙ୍କା**<br>(ଫୁଲ କିମ୍ବା ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | <u>ରୋଗ ଓ କୀଟ ପରିଚାଳନା:</u><br>▪ **ଉକୁଣିଆ ପୋକ/ ପତ୍ରମୋଡା ରୋଗ :** ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୨ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୧୦ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୧.୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ **ଫଳବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ହେଲି ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।<br>▪ |

| | |
|---|---|
| **ବାଇଗଣ**<br>(ଫୁଲ କିମ୍ବା ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | **କୀଟ ପରିଚାଳନା:**<br>▪ **କାଣ୍ଡ ଓ ଫଳ ବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| **ପିଆଜ**<br>(ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ▪ ଫଳ ବିକଶିତ ହେବା ସମୟରେ ପାଣିର ଅଭବାକୁ ଦୂର କରନ୍ତୁ ।<br>▪ ଅମଳ ଉପଯୁକ୍ତ ହୋଇଯାଇଥିଲେ ଅମଳର ଅନୂନ୍ୟ ୧୫ ଦିନ ପୂର୍ବରୁ ଜଳସେଚନ ସ୍ଥଗିତ ରଖନ୍ତୁ । ଅମଳ ପରବର୍ତୀ ଗଜା ହେବାକୁ ରୋକିବା ପାଇଁ ଅମଳ ହେଇଥିବା ପିଆଜରେ କୁ ଭଲ ବାୟୁ ଚଳଚଳ ହେଉଥିବା ସ୍ଥାନରେ ରଖନ୍ତୁ ।<br>**ରୋଗ ପରିଚାଳନା:**<br>▪ **ବାଇଗଣି ଦାଗ (ପରପଲ ବ୍ଲୋଚ୍) :** ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ **ଉକୁଣିଆ ପୋକ:** ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କିମ୍ବା ପ୍ରତି ୪ ଲିଟର ପାଣିରେ ୧ ଗ୍ରାମ ଏସିଡାମିପ୍ରିଡ୍ ୨୦% ଏସ.ପି. କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ପଶୁପାଳନ:** | |
| **ଗାଈ ଓ ମଇଁଷି** | ▪ ଅଧିକ ଦୁଗ୍ଧ (୧୦ - ୧୫ ଲିଟର) ଦେଉଥିବା ଗାଈ ମାନଙ୍କୁ ଖାଦ୍ୟରେ ତନ୍ତୁ ପରିମାଣକୁ ହ୍ରାସ କରି ୫ ରୁ ୧୦ ପ୍ରତିଶତ ଚର୍ବି ବା ତୈଳ ଜାତୀୟ ଖାଦ୍ୟ ମିଶାଇ ଦେବା ଉଚିତ। ଭିଟାମିନ ଏ ଓ ଇ ଖାଦ୍ୟରେ ମିଶାଇ ପଶୁମାନଙ୍କୁ ଦେଲେ ଲାଭ ଦାୟକ ହେଇଥାଏ। ବର୍ତମାନର ପାଗକୁ ଦୃଷ୍ଟିରେ ରଖି ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନବେଳା ଦୁଇ ରୁ ତିନି ଥର ତାଙ୍କ ଉପରେ ପାଣି ସିଞ୍ଚନ କରି ଓଦା କରନ୍ତୁ। |
| **ଛେଳି ଓ ମେଣ୍ଢା** | ▪ ବର୍ତମାନ ର ପାଗକୁ ଲକ୍ଷ୍ୟ କରି ବାହାରକୁ ଚରାଇବାକୁ ନେଉଥିବା ଛେଳି ଓ ମେଣ୍ଢା ମାନଙ୍କୁ ଦିନ ୧୧ ଟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ ଓ ଅପରାହ୍ନ ୪ଟା ପରେ ପୁନର୍ବାର ଚରାଇବାକୁ ଛାଡ଼ନ୍ତୁ। |
| **କୁକୁଡ଼ା** | ▪ ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**